ସହଦେବଙ୍କ ଜନ୍ମ
ଶୁଣ ହୋ ଯୋଗେଶ୍ୱର ବୋଲନ୍ତି ବ୍ରହ୍ମବେତ୍ତା
ମାଦ୍ରୀକି ଛାଡିଣ ଯେ ଅଇଲେ ଦେବୀ କୋଇନ୍ତା । ୧ ।
ମହାନିଶା କାଳେ ସେ ମଦନସେର କୁମାରୀ
ଉତ୍ତନସାହୀ ହୋଇ ପଲଙ୍କେ ଅଛଇ ପହୁଡି । ୨ ।
କରେଣ ଦୁର୍ଭାସାଙ୍କର ଘେନି ଅଛି ଜପାମାଳୀ
ଭୋ ଧରମ ଦେବତା ବୋଲି ପଞ୍ଚୁମନେ ଭାଳି । ୩ ।
ଯେ ଯେ ଅଲେଖ ତିଳକ ଶୃଙ୍ଗାର ସୁରତି
ଭାରିଯାର ରୂପ ବିଳସିବ ନିଜ ପତି । ୪ ।
ଭୋ ମହାରାଜା ଯେମନ୍ତ କି- । କଲୁ ପଣ୍ଡୁ
ଆବର ବର ପାଇଲୁ ନାରାଜ ହୃଦେ ପଡୁ । ୫ ।
କରେ ଧରି ଅଛଇ ଦୁର୍ଭାସାଙ୍କ ଜପାମାଳୀ
ସ୍ୱାମୀକି ସୁମରିଣ ସେ କର୍ମ ଘେନି ଭାଳି । ୬ ।
ପଣ୍ଡୁ ନାମ ଜପଇ ସେ ଜପାମାଳା ଘେନି
ଅନ୍ତରୀକ୍ଷେ ମିଳିଲେ ପାଇ ପଣ୍ଡୁ ନୃପମଣି । ୭ ।
ଦେଖିଣ ତ୍ରାସିଲେ ସେ ସୁନ୍ଦରୀ ମଦନା
ତୁମ୍ଭର ଆମ୍ଭର ସ୍ୱାମୀ ଛାଡ ବ୍ରତ ସିନା । ୮ ।
--------
୨ ।୧ ମହାନିଶାକାଳେ ସେ ମଦନ ମହାଦେବର କୁମାରୀ ।
୩ ।୨ ଭୋ କର୍ମ ପୁରୁଷ ଯେମନ୍ତ କଲୁ ବୋଲି ଭାଳି ।

ତୁହି କି- । ନିଶା ରାତିରେ ଅଇଲୁ ଆମ୍ଭର ତହିଂକି
ମୁହିଂ ତ୍ରାସିଲି ସ୍ୱାମୀ ତୁମ୍ଭର ଆଗତ ଦେଖି । ୯ ।
ପଣ୍ଡୁ ବୋଇଲେ ଦୁର୍ଭାସାଙ୍କର ଜପାମାଳୀ ହସ୍ତେ ଘେନି ସୁମରିଲୁ ମୋତେ
ଯେହାକୁ ବଞ୍ଚାଇ ମୁଂ ଯିବଇଂ କେମନ୍ତେ । ୧୦ ।
ଦେବେ ଦାନବେ ଯାହା ନ ପାରନ୍ତି ମେଣ୍ଟି
ଅବଶ୍ୟ ସ୍ୱପ୍ରାଣ ବିସର୍ଜିବି ମୂର୍ଦ୍ଧନା ଯିବ ଫାଟି । ୧୧ ।
ସଞ୍ଚୟେ ମୃତ୍ୟୁ ମୋହୋର ହୋଇଲା ନିକଟ
ମୃତୁକାଳେ ପୁଅନ୍ତି ମୁଂ ନ ପାଇଲି ଭେଟ । ୧୨ ।
ଯେ ମନ୍ତ୍ର ମେଣ୍ଟିଲେ ଗୋ ନ ବ୍ରତଇ ସଂଘାତୁଣୀ
ଶୃଙ୍ଗାର କଲେ ଗୋ ମରିବି ଯେହିକ୍ଷଣି । ୧୩ ।
ଆବର କିପାଇଂ ରମଣ ଛାଡିବି ମନ ଇଛା
ଅକାରଣେ ସୁନ୍ଦରୀ ଗୋ ତୁ କଲୁ ମନ ବାଞ୍ଛା । ୧୪ ।
ମାଦ୍ରୀ ବୋଇଲେ ମୁଂ ନ ଚିନ୍ତଇ ତୋତେ
ଅଦଭୁତେ ନୃପତି ଭେଟିଲୁ କି- । ମୋତେ । ୧୫ ।
ବିଶେଷେ ଅଟଇ ଯେ ନିର୍ଜନ ସ୍ଥାନ ଭୂମି
କୋଇନ୍ତାୟେ ନାହାନ୍ତି ମାଦ୍ରୀକି କଟାଳିଲେ ପଣ୍ଡୁ ନୃପମଣି । ୧୬ ।
ପଲଙ୍କ ଉପରେ ବସିଲେ ଦେବ ମାଡି
ମଦନାକୁ କୋଳ କଲେ ସ୍ୱାମୀ ସେ ଶାପକୁ ଭୟ ଛାଡି । ୧୭ ।
ମାଦ୍ରୀ ସୁମରଇ ନାରାୟଣ ତ୍ରାହି ତ୍ରାହି
ମୁହିଂ ସ୍ତିରୀ ମାତ୍ରକ ପୁରୁଷ ବଳବନ୍ତା ଯେହି । ୧୮ ।
ପୁରୁଷ ବଳ କଲେ ସ୍ତିରୀ କାହିଂ ରଖି
ଯେହେନେକ ଘଟଶୂତ୍ର ବିହି ଅଛି ଲେଖି । ୧୯ ।
ଧର୍ମ ଧର୍ମ ସୁମରଇ ମଦନ ମହାଦେବର ନନ୍ଦନୀ
ପଣ୍ଡୁ ବିବସନ କଲେ ମାଦ୍ରୀକି କୋଳେ ଘେନି । ୨୦ ।

ଯହିଂ ସେ ପାତକ ତହିଂ କାମଦେବର ଅନୀତି
ସମସ୍ତ ବୁଡାଇଲା ଅନଙ୍ଗ ସେନାପତି । ୨୧ ।
ବିପରୀତ ବୁଦ୍ଧି ପ୍ରସରଇ ନଶିବାର ବେଳେ
ମଦନାକୁ ପଣ୍ଡୁରାଜା ଧଇଲେକ ଯାଇଂ ବଳେ । ୨୨ ।
-------
୨୧ ।୨  ଅହନ୍ତା ବୁଡାଇଲା ଅନଙ୍ଗ ସେନାପତି ।

ମାଦ୍ରୀର ତୁଲେ ଯେ ବଢିଲା ଶୃଙ୍ଗାର
ହାସ୍ୟ ଉଲ୍ଲାସ ଯେହ୍ନେ କାମର ବେଭାର । ୨୩ ।
ପଣ୍ଡୁ ରାଜାର ରମଣ ନାହିଂ ତିନିଶ ବରଷ ପରିଯନ୍ତେ
କାମ ସଂହାରଣ କଲା ସେ ମହାଯୋଗ ମତେ । ୨୪ । ସଂଖ୍ୟା
ଅନେକ ରମଣ ବଢିଲା ପୀରତି
ବହୁତ ଶୃଙ୍ଗାରେ ସେ ଅଶାନ୍ତି ଅତ୍ରିପୁତି । ୨୫ ।
ଦଇବର ଘଟସୂତ୍ର କେହୁ ଆନ କରି
ଯାହା ସେ ଶାପ ଦିଲେ ଅଗ୍ନିକାର ବ୍ରହ୍ମଚାରୀ । ୨୬ ।
ହେଠ ପୂରା ଶୃଙ୍ଗାର ସମୟେ ଅପ୍ରମିତେ
ନିର୍ଘାତ ନାରାଜେକ ପଡିଲା ଅଦଭୁତେ । ୨୭ ।
ମହାରଷିଙ୍କର ଶାପ କେହୁ ଆନ କରିପାରୁ
ବୋଇଲେ ଯେ ତୋହୋର ଶୃଙ୍ଗାର କାଳେ ଅକାଳ କାଣ୍ଡ ପଡୁ । ୨୮ ।
ସେ ରଷିର ଶାପ ଯେ ଅନ୍ୟଥା ନୋହିଲା
ପଣ୍ଡୁର ଶୃଙ୍ଗାର କାଳେ ଅଦଭୁତେ ଆସି ନାରାଜ ପଡିଲା । ୨୯ ।
ଆକାଶୁଂ ପଡିଲା ଶର ପଣ୍ଡୁ ରାଜାର ପିଠି
ମାଦ୍ରୀର ହୃଦଗତେ ବାହାର ହୋଇଗଲା ଫୁଟି । ୩୦ ।
ମହାତେଜ ବଳବନ୍ତା ଅଭିଶାପ ବାଣ
ଅଦଭୁତେ ପଡି ହରିଲା ପଣ୍ଡୁ ମାଦ୍ରୀଙ୍କର ପ୍ରାଣ । ୩୧ ।
ଶୃଙ୍ଗାର ପ୍ରାନ୍ତ ଯେ ହୋଇଲା ନିକଟ
ବୀର୍ଯ୍ୟ ପ୍ରଦାନ ହୋଇଲା ଉଭୟ ସଂକଟ । ୩୨ ।
ଯେବଣ ବୀର୍ଯ୍ୟ ପଡିଲା ମାଦ୍ରୀର ଗର୍ଭଗତେ
ସେ ଅମୋହ ରେତ ନାଶ ନୋହିଲା ଯୁଗତେ । ୩୩ ।
ମାଦ୍ରୀ ପ୍ରାଣତ୍ୟାଜ ହୋଇଲା ଶରଘାତେ
ସଇନ୍ଦୁ ପୁତ୍ରେକ ଯେ ହୋଇଲା ଉପଜାତେ । ୩୪ ।
ଶୁଣ ହୋ ମହାରାଜା ବଦୟନ୍ତି ଅଗସ୍ତି
ସୋମବଂଶ ଠାକୁର ପଞ୍ଚୁ କଟକେ ଆଧିପତି । ୩୫ ।
--------
୨୩ ।୨  ହାସ ରସ ଯେତେ କ୍ରୀଡା ରଙ୍ଗ ବେଭାର ।
୨୪ ।୨  ସଂହାରଣ-ତ୍ୟାଗ କରାଇଲ-ସଂହରଣ-ତ୍ୟାଗକଲା

ଯାହା ସେ ଅରଜିଲା କର୍ମର ବିପତ୍ତି
କାହାର ବେଳେ ସେ ହୋଇବ ଅନିତି । ୩୬ ।
ଅଲଘିଂତ କର୍ମ ପଣେ ଯେ ପଣ୍ଡୁ ନାଶଗଲା
କେହି ଜଣେ ପୁତ୍ର ଯେ ଆବୋରନ୍ତା ନୋହିଲା । ୩୭ ।
ପୁତ୍ର ଗୋଟି ପଡିଅଛି ଭୂମିର ମଧ୍ୟେ
ବାଳୁତ କୁମର କାନ୍ଦଇ ଅତି କ୍ରୋଧେ । ୩୮ ।
ୟେମନ୍ତର ସମୟେ ଯେ ରୟଣୀ ପ୍ରଭାତ
ଉଦେଗିରୁ ପ୍ରଦକ୍ଷିଣ ଦିନକର ନାଥ । ୩୯ ।

ତ୍ରୈଲୋକ୍ୟ ବ୍ରହ୍ମାଣ୍ଡର ସେ ଅଟଇ ଦିବ୍ୟ ଆଖି
ପାପ ପୁଣ୍ୟ ବିପଦ ସ- ଦ ସମସ୍ତ ହିଂ ଦେଖି । ୪୦ ।
ଲକ୍ଷେକ ଯୋଜନେ ଥାଇ ଦେଖିଲେ କରତାର
ମାତା ପିତା ପ୍ରାଣତ୍ୟାଗ ପୁତ୍ରେକ ହୋଇଛି ଅବତାର । ୪୧ ।
ଗହନ ଘୋର ଅରଣ୍ୟ ଅଟଇ ଅଟବ୍ୟା
ଶତଶିଂଗେ ପ୍ରାଣତ୍ୟାଗ ପଣ୍ଡୁ ରାଜଦେବା । ୪୨ ।
ଅନେକ ଜୀବଜନ୍ତୁ ମାନେ ତହିଂ ଛନ୍ତି ପୂରି
ବ୍ୟାଘ୍ର ଭାଲୁକ ଗ୍ରିଧିନୀ ପ୍ରେତ ତହିଂ ଭୂରି । ୪୩ ।
ୟେମାନେ ବେଢିଲେ ସେ ଅପାର ଗହନ
ମୃତୁପିଣ୍ଡ ବାଳୁତ କୁମାର ଭକ୍ଷିତେ କଲେ ମନ । ୪୪ ।
ବାଳୁତ ପୁତ୍ର ଚିଆଇଂ ଚାହିଂଲା ମୁଖ ତୋଳି
ପିଚାଶ ଜୀବମାନେ ଗଲେ ସର୍ବେ ଜଳି । ୪୫ ।
କୁମାର ନୟନ ତେଜ ଯେ କାଳାନଳ ଜାଣି
ଶୂନ୍ୟ ପୁରୁଷମାନେ ତ୍ରାସିଲେ ଗଗନ ଯେ ମଣି । ୪୬ ।
ଆକାଶେଣ ଦେଖିଲେ ଯେ ଗଗନ ବିହାରୀ
ଚିନ୍ତାମଣି ପୁରୁଷ ସେ ସକଳ ଚିନ୍ତାକାରୀ । ୪୭ ।
ଆଗ୍ୟାଂ ଦିଲେ ଅଶ୍ୱିନୀ କୁମାରନ୍ତ ରାଇ
ପୁତ୍ରକଇ ତୁମ୍ଭର ହୋ ସମ୍ଭାଳ ବେଗେ ଯାଇ । ୪୮ ।

---------

୪୭ ।୨ ଦୟା ବସିଲା ଦିନମଣି ନାଥଙ୍କର ପୁତ୍ରକୁ ଦେଖି କରି ।
୩୬ ।୨ ଅନିତି-ଅନିତ୍ୟ, ଅଳ୍ପକ୍ଷଣ ସ୍ଥାୟୀ ।
୪୩ ।୨ ଭୂରି-ପ୍ରଚୁର ।

ସେ ପୁତ୍ରରେ କାରଣ ହୋଇବ ତୁକୁଇ । ୪୯ ।
ବିରଞ୍ଚି ନାରାୟଣଙ୍କର ଆଗ୍ୟାଂ ପରମାଣେ
ଅଶ୍ୱିନୀ କୁମାରେ ଯାଇ ଭେଟିଲେ ତତକ୍ଷଣେ । ୫୦ ।
ଦେଖିଲେ ନନ୍ଦନ ପଡିଛି ଉତ୍ତାନସାହୀ ହୋଇ
କୁମାରକୁ କୋଳ କରି ଧଇଲେ ଗୁଣଗ୍ରାହୀ । ୫୧ ।
ଜାତ ହୋଇଲା ପୁତ୍ର ଯେ ସମ୍ଭାଳନ୍ତା ନୋହିଲା
କ୍ଷୀର ପାନ ନ ପାଇ ଯେ କୁମର ନାଶ ଗଲା । ୫୨ ।
ଅଶ୍ୱିନୀ କୁମାରେ କୋଳ କରି ଧଇଲେ ବାଳ ବଛି
ଦେଖିଲେ ପୁତ୍ର ଶରୀରେ ପ୍ରାଣ ନାହିଂ କିଛି । ୫୩ ।
କାନ ଫୁଙ୍କନ୍ତି ମହାତ୍ମା ଆଦିତ୍ୟର ଶିଷି
ମୃତୁ ଗତ କୁମର ସେ ଚେତନା ନ ଦିଶି । ୫୪ ।
ଭାଳନ୍ତି ଅଶ୍ୱିନୀ କୁମାରେ ମୁଂ ଯେ ମନ୍ଦକୃତ୍ୟ କଲି
ଅକାରଣେ ଆସି ମୃତୁ ପିଣ୍ଡକୁ ଛୁଇଂଲି । ୫୫ ।
ଗଗନେ ସେ ଆଗ୍ୟାଂ ମୋତେ ଦିଲେ କରତାର
ବୋଇଲେ ପୁତ୍ର ଯାଇଂ ସମ୍ଭାଳସି ତୋହୋର । ୫୬ ।
ଆସନ୍ତେଣ ପୁତ୍ର ଗୋଟି ପ୍ରାଣେ ନାଶ ଗଲା
ମୋହୋର ଧରିବା ଯାୟେ ଆତ୍ମା କି- ।ଇ ନଥିଲା । ୫୭ ।
ୟେ ମୃତୁ ପିଣ୍ଡକୁ ପକାଇ ବାହୁଡିଣ ଗଲେ
ଦେବତାୟେ ହାସ୍ୟ କରିବେ ନା ମୋତେ ସେ ଦେଖିଲେ । ୫୮ ।
ୟେତେକ ବିଚାରି ସେ କୁମାର ମହାତ୍ମା
ଆପଣା ତନୁରୁ ସେ କାଢିଲେ ଅର୍ଦ୍ଧ ଆତ୍ମା । ୫୯ ।
ସେ ମୃତୁ ପିଣ୍ଡରେ ପ୍ରବେଶ କରାଇଲେ ଜୀବ

ଜୀବନ୍ୟାସ ମନ୍ତ୍ର ପଢିଲେ ଅଶ୍ୱିନୀକୁମାର ଦେବ । ୬୦ ।
ଅମୃତ ଭାବେ ଚାହିଂଣ ଫୁଙ୍କିଲେ କାମ ଗୋଟି
ଗତ ଆତ୍ମା କୁମର ଚାହିଂଲା ୟେକ ଦୃଷ୍ଟି । ୬୧ ।
ଆପଣା ତହୁଂ କାଢି ଭରି ଦିଲେ ଯହୁଂ ଜୀବ
ତେଣୁ କରି ଅଶ୍ୱିନୀ କୁମାରେ ନାମ ଦିଲେ ସହଦେବ । ୬୨ ।
--------
୫୪ ।୧  ସ୍ଥାନମାନ ଫୁଙ୍କନ୍ତି ସେ ଆଦିତ୍ୟର ଶିଷି ।

ତୋଷେଣ ବର ଦିଲେ ପ୍ରସନ୍ନେ ଅଶ୍ୱିନୀ
ଆରେ କୁମର କରକୁ ଚାହାନ୍ତେ ଦିଶୁ ତୋତେ ବ୍ରହ୍ମାଣ୍ଡ କୋଟି ତିନି । ୬୩ । ସଂଖ୍ୟା
ଭୂତ ଭବିଷ୍ୟତ ଗ୍ୟାଂତା ହୁଅ ରେ ସହଦେବ
ମନ୍ତ୍ରୀ ପଣେ ତୋତେ ଦୃଶ୍ୟ ହୋଉ ଗତ ଆଗତ ସର୍ବ । ୬୪ ।
ଯେ ତୋତେ ପଚାରିବ ଗତ ଆଗତ କଥା
ଅବଶ୍ୟ ତୁ କହିବୁ ଭୂତ ଭିବଷ୍ୟ ବାରତା । ୬୫ ।
ଆହୋ ୟେସନେକ ବର ତାକୁ ଦିଲେ କୁମାର ଅଶ୍ୱିନୀ
ମହାତ୍ମାର ପ୍ରସନ୍ନେ ସେ ହୋଇଲେ ମହାଗ୍ୟାନୀ । ୬୬ ।
କୁମାର ଆଗ୍ୟାଂ ଦିଲେ ସେ ବିଶ୍ୱ ଦେବତାଙ୍କୁ
କୋଇନ୍ତାୟେ ଆସିବା ଯାୟେ ସମ୍ଭାଳି ଥାଅ ପୁତ୍ରକୁ । ୬୭ ।
ସହଦେବଙ୍କୁ ଦିଲେ ନେଇ ବିଶ୍ୱଦେବାଙ୍କର କୋଳେ
ଚଳିଲେ ଅଶ୍ୱିନୀ କୁମାର ଆକାଶ ମଣ୍ଡଳେ । ୬୮-୩୦୩୦ ।
*************